
NATIONAL DAIRY PLAN
MISSION MILK
THE NEXT REVOLUTION

# କ୍ଷୀର କଥା
# ବତାଏ ଗୋମାତା



ଉତ୍ପାଦକଙ୍କ ସ୍ତରରେ
ସ୍ୱଚ୍ଛ କ୍ଷୀର'ର ଉତ୍ପାଦନ

ନାଶନାଲ ଡେୟରୀ ଡେଭଲପ୍‌ମେଣ୍ଟ ବୋର୍ଡ
ଆଣନ୍ଦ

# ପ୍ରସ୍ତାବନା

ଘରେ ଦୁଧିଆଳୀ ଗାଈ କି ମଇଁଷି ପୋଷିକରି, ଉତ୍ପାଦିତ କ୍ଷୀରକୁ ସହକାରୀ ସମିତିରେ ଦେଇଦେଲା ପରେ ଆମ ଦାୟିତ୍ୱ ସରିଯାଏନି । କ୍ଷୀର ଉତ୍ପାଦନରେ ଆମ ଦେଶ ଏବେ ପ୍ରଥମ ସ୍ଥାନରେ । ହେଲେ, ବଦଳୁଥିବା ପରିସ୍ଥିତିକୁ ଦେଖିଲେ, କ୍ଷୀର ପରିଚ୍ଛନ୍ନ ରହିବା ସାଙ୍ଗକୁ ଶୀଘ୍ର ଖରାପ ହେବନି ଆଉ ରୋଗ ବଢ଼େଇବନି – ଏହା ଜରୁରୀ ହୋଇଗଲାଣି । ଏଭଳି ସଫାସୁତୁରା କ୍ଷୀରରେ ଭଲ ଭଲ ପଦାର୍ଥ ତିଆରି କରାଗଲେ, ଆମକୁ ଓ ଆମ ଡେୟରୀ, ଉଭୟକୁ ଲାଭ ହେବ । ଏଥି ଉଦ୍ଦେଶ୍ୟରେ ଆମେ ବହୁତ କିଛି କରିପାରିବା, ଯଥା :

୧) ପଶୁଙ୍କୁ ପରିଷ୍କାର ଆଉ ନିରୋଗୀ ରଖିବା ।

୨) ପଶୁ ରହିବା ସ୍ଥାନ (ଗୁହାଳ)କୁ ପରିଚ୍ଛନ୍ନ ରଖିବା ।

୩) ସ୍ୱଚ୍ଛ ପାଣି ପିଇବାକୁ ଦେବା ।

୪) କ୍ଷୀର ଦୁହିଁବା ପାଇଁ ଓ ରଖିବା ପାଇଁ ଷ୍ଟେନ୍‌ଲେସ୍ ଷ୍ଟୀଲ'ର ସ୍ୱଚ୍ଛ ପାତ୍ର ବ୍ୟବହାର କରିବା ।

୫) କ୍ଷୀର ଦୁହିଁବା ଆଗରୁ ସାବୁନରେ ହାତ ସଫାକରି ଧୋଇବା ।

୬) ପହ୍ନାକୁ ସଫା ପାଣିରେ ଧୋଇକରି ସଫା ଓ ଶୁଖିଲା କନାରେ ପୋଛିବା ।

୭) କ୍ଷୀର ଦୁହିଁବା ଆଗରୁ ପ୍ରତି ଚୀରରୁ ଧାରେ ବା ଦୁଇଧାର କ୍ଷୀର ବାହାରେ ପକାଇ ଦିଅନ୍ତୁ ।

୮) କ୍ଷୀର ଦୁହିଁବା ବ୍ୟକ୍ତି ସଫାସୁତୁରା ଓ ନିରୋଗୀ ହୋଇଥିବେ, ଆଉ ଦୁହିଁଲା ବେଳେ ବିଡ଼ି,ତମାଖୁ,ପାନ ଆଦି ଖାଉନଥିବେ ।

୯) କ୍ଷୀର ଦେବା ପଶୁଙ୍କୁ ଘାସ ଆଦି ସାଗୁଆ ଚାରା ଦେବା ।

୧୦) ଦୁହିଁବା ପରେ ପହ୍ନାକୁ ସଫା ପାଣିରେ ଧୋଇବା ଆଉ ଚୀର ଗୁଡ଼ିକୁ ଜୀବାଣୁନାଶକ ମିଶ୍ରଣରେ ବୁଡ଼ାଇବା କିମ୍ବା ତା ଉପରେ ଜୀବାଣୁନାଶକ ଦ୍ରବଣ ଛିଞ୍ଚିବା ଯଦ୍ୱାରା କି ସେ ଥନ ହରା ରୋଗରୁ ମୁକ୍ତ ରହିବ ।

୧୧) କ୍ଷୀରକୁ ଢାଙ୍କିକରି ଶୀଘ୍ରାତିଶୀଘ୍ର ସମିତିରେ ପହଞ୍ଚାଇବା ।

୧୨) ସମିତିରେ,ସମ୍ଭବ ହେଲେ କ୍ଷୀରକୁ ଥଣ୍ଡା ରଖିବା, ଫଳରେ ତାହା ଖରାପ ହେବ ନାହିଁ ।

ଏସବୁ ପାଳନ କଲେ, ଆମମାନଙ୍କ ଦ୍ୱାରା ସମିତିରେ ପହଞ୍ଚିବା କ୍ଷୀର ଯୋଗେ ଆମ ସମସ୍ତଙ୍କୁ ଲାଭ ହେବ । ଆସନ୍ତୁ, ଆମେମାନେ ସ୍ୱଚ୍ଛ କ୍ଷୀର ଉତ୍ପାଦନ କାମରେ ଲାଗିଯିବା ।

ନାଶନାଲ ଡେୟରୀ ଡେଭଲପ୍‌ମେଣ୍ଟ ବୋର୍ଡ
ଆଣନ୍ଦ - ୩୮୮ ୦୦୧ ।

# କ୍ଷୀର କଥା ବତାଏ ଗୋମାତା

ତେଇଶିପୁର ଗାଆଁରେ ବନ୍‌ୱାରୀ ନାମକ ଗଉଡ଼ ରହୁଥିଲା । ପୁଅ ମଣି, ଝିଅ ମାଣିକ ଆଉ ସ୍ତ୍ରୀ ରାଧାକୁ ନେଇ ତା'ର ସଂସାର । ବନ୍‌ୱାରୀ'ର ଖୁସିବାସିଆ ପରିବାର ସୁଖରେ ଚଳିଯାଉଥିଲା । କାହିଁକିନା, ତା'ର ଗାଇ ଗଙ୍ଗା ଆଉ ମଈଁଷି ଯମୁନା ପ୍ରଚୁର କ୍ଷୀର ଦଉଥିଲେ । ବନ୍‌ୱାରୀ, ନିଜ ଗାଆଁର ସହକାରୀ ସମିତିରେ ଗଙ୍ଗା ଆଉ ଯମୁନା'ର କ୍ଷୀର ଯୋଗାଉଥିଲା, ଯେଉଁଠି ସିଏ ଅନେକ ବର୍ଷରୁ ସଦସ୍ୟ ଥିଲା । ସମିତିରେ କ୍ଷୀର ଦେବାରୁ ବନ୍‌ୱାରୀକୁ ଭଲ ଆମଦାନି ହଉଥିଲା, ଆଉ ତା' ଘରେ କୌଣସି ଜିନିଷର ଅଭାବ ରହୁନଥିଲା । ଭଲ ଖାଉଥିଲେ ପିଉଥିଲେ, ଭଲ ପିନ୍ଧୁଥିଲେ । ପିଲା ଦୁହେଁ ଗାଆଁ ବିଦ୍ୟାଳୟରେ ପଢୁଥିଲେ । ସବୁ ପର୍ବ-ପର୍ବାଣୀ ଆନନ୍ଦ-ଉତ୍ସାହରେ ପାଳୁଥିଲେ । ଗଙ୍ଗା ପରି ଗାଇ ଆଉ ଯମୁନା ପରି ମଈଁଷି ଥିବାରୁ ବନ୍‌ୱାରୀ ନିଜକୁ ଅତି ଭାଗ୍ୟବାନ ମଣୁଥିଲା । ରାଧା ଆଉ ପିଲାମାନେ ବି ଗଙ୍ଗା ଆଉ ଯମୁନାକୁ ଭାରି ଭଲ ପାଉଥିଲେ ।



ବନ୍‌ୱାରୀ'ର ଖୁସିବାସିଆ ପରିବାର



ଗଙ୍ଗା ବେମାର, ପରିବାର ଚିନ୍ତିତ, ରୋଜଗାର କମ

ହେଲେ ଏହି ସୁଖି କୁଟୁମ୍ବ ଉପରେ ଦିନେ ଅମା ଅନ୍ଧାର ଘୋଟି ଆସିଲା । ଗଙ୍ଗାକୁ ରୋଗ ଗ୍ରାସ କଲା ଆଉ ସିଏ ବେମାର ରହିବାକୁ ଲାଗିଲା । ବନ୍‌ୱାରୀ ତାକୁ ଘରେ ଯେତେ ପାରେ ଚିକିତ୍ସା କଲା, ହେଲେ ସବୁ ନିଷ୍ଫଳ । କ୍ରମେ କ୍ରମେ ଗଙ୍ଗା'ର କ୍ଷୀର କମିଗଲା, ଖରାପ ହୋଇଚାଲିଲା । ବନ୍‌ୱାରୀ'ର ଆୟ କମ ହେବାକୁ ଲାଗିଲା, ଫଳରେ ଘରେ ନାନା ସମସ୍ୟା ଉପୁଜିଲା । ଅବସ୍ଥା ସମ୍ଭାଳି ନପାରିବାରୁ, ରାଧା ଅନେକ ବୁଝାଇବା ସତ୍ତ୍ୱେ, ବନ୍‌ୱାରୀ ଗଙ୍ଗାକୁ ବିକିଦେବାକୁ ସ୍ଥିର କଲା ।


ସେତିକିବେଳେ ଭାଗ୍ୟକୁ ପାଖ ଗାଆଁରେ ପଶୁମେଳା ଲାଗିଥିଲା । ସେଇଠି ଗଙ୍ଗାକୁ ବିକିଦେଇ ଆଉ ଗୋଟିଏ ନୂଆ ଗାଇ ଆଣିବ ବୋଲି ବନ୍ଓ୍ୱାରୀ ସ୍ଥିର କଲା ।



ଗଙ୍ଗା ଗାଈକୁ ପଶୁ-ମେଳାରେ ବିକିବାକୁ ବନ୍ଓ୍ୱାରୀ ନେଉଛି

ତା' ପରଦିନ ଗଙ୍ଗାକୁ ନେଇକରି ମେଳାକୁ ଯିବା ଲାଗି ବନ୍ଓ୍ୱାରୀ ବାହାରିଲା । ରାଧା ଆଉ ପିଲାମାନେ ଗଙ୍ଗାକୁ କୁଣ୍ଢେଇ ବହୁତ କାନ୍ଦିଲେ । ସେମାନଙ୍କ କାନ୍ଦଣା ଦେଖି ବନ୍ଓ୍ୱାରୀ'ର ବି କୋହ ଉଠିଲା, ହେଲେ ସିଏ ମନକୁ କଠୋର କରି ସମସ୍ତଙ୍କୁ ବୁଝେଇବାଝେଇ ଗଙ୍ଗା'ର ପଘା ଧରି ମେଳା ବାଟ ଧରିଲା ।

ଉଦୁଉଦିଆ ଖରାରେ ଆଉ ଚାଲି ନପାରିବାରୁ, ବନ୍ଓ୍ୱାରୀ ଗଙ୍ଗାକୁ ନେଇ ଗୋଟେ ଗଛ ତଳେ ବିଶ୍ରାମ କରିବାକୁ ଅଟକିଲା । ତା' ମନ ବି ଉଦାସ ଥିଲା, ଏଣେ ଗଙ୍ଗା'ର ଲୁହ ବୋହୁଥିବା ମୁହଁକୁ ଦେଖି ଦୀର୍ଘ ନିଶ୍ୱାସଟିଏ ପକେଇ ସିଏ କହିଲା – ''ମତେ କ୍ଷମା କରିଦେ ମାଆ ଗଙ୍ଗା'' । ବନ୍ଓ୍ୱାରୀ ଚିନ୍ତାରେ ମୁଣ୍ଡପୋତି ବସିଥିଲା, ହଠାତ୍ ତାକୁ ଶୁଣାଗଲା କିଏ ଯେମିତି ତାକୁ 'ଭାଇ' ବୋଲି ଡାକୁଛି । ମୁଣ୍ଡ ଉଠେଇ ଦେଖେ ତ ଗଙ୍ଗା ତାକୁ ଅପଲକ ଚାହିଁ କହୁଛି – ''ଭାଇ, ମତେ ତମ ପରିବାରରୁ ଅଲଗା କରନି । ମତେ ବିକନି, ଭାଇ'' । ବନ୍ଓ୍ୱାରୀକୁ ନିଜ କାନ ଉପରେ ବିଶ୍ୱାସ ବସିଲାନି, ତାକୁ ଲାଗିଲା ସତେ ଯେମିତି ସିଏ ସପନ ଦେଖୁଛି । ଏଇଆ ଭାବିକରି ସିଏ ଗଙ୍ଗା ସାଙ୍ଗେ କଥା ହେବାକୁ ଲାଗିଲା । କହିଲା, ''ଆଉ କ'ଣ କରିବି, ମୁଁ ଯେ ନିରୁପାୟ । ତୋ କ୍ଷୀର କମ ଆଉ ଖରାପ ହେଇଯିବାରୁ ଆମ ଆୟ ବହୁତ କମିଗଲାଣି । ଆୟ ବଢ଼େଇବା ପାଇଁ ତତେ ବିକିକରି ଆଉ ଗୋଟେ ଗାଇ ଆଣିବାକୁ ହବ । ତତେ ବିକିବା କଥା ଭାବିଲା ବେଳକୁ ମତେ ବିକଳ ଲାଗୁଛି, ହେଲେ ତତେ ଯୋଉ ରୋଗ ଲାଗିଛି, ସେଥିରେ ତୋ କ୍ଷୀର କମ ହେଲାଣି, ଆଉ ଖରାପ ବି ହେଲାଣି ।



ବାଟରେ ବନ୍ଓ୍ୱାରୀ ସହିତ ଗଙ୍ଗା କଥା ହେଉଛି

''ହେଲେ ଏଥିରେ ମୋର କ'ଣ ଦୋଷ ?'', ଗଙ୍ଗା ପଚାରିଲା ।

ଦୀର୍ଘନିଶ୍ୱାସଟିଏ ପକାଇ ବନ୍ଓ୍ୱାରୀ କହିଲା, ''ତା' ଅବଶ୍ୟ ସତ, ବୋଧେ ଏଇୟା ଭଗବାନଙ୍କର ବରାଦ''।

ଗଙ୍ଗା କହିଲା,''ଏଥିରେ ଭଗବାନଙ୍କର କିଛି ଦୋଷ ନାହିଁ । ଅସଲରେ ଦୋଷ ହଉଛି ତମର ଆଉ ରାଧା ଭାଉଜଙ୍କର । ତମମାନଙ୍କୁ ଗୋରୁଗାଈଙ୍କ ଯତ୍ନ ନେବା ଜଣାନାହିଁ ।

ଏକଥା ଶୁଣି ବନ୍ଓ୍ୱାରୀ ହତବାକ୍ ହୋଇଗଲା । କହିଲା, ''ତୁ କ'ଣ କହୁଛୁ ଗଙ୍ଗା ? ଆମେ ଏତେ ପୁରୁଷ ଧରି ପଶୁପାଳନ କରିଆସୁଛୁ, ଆଉ ତୁ କହୁଛୁ କ'ଣ ନା ଆମକୁ ତମମାନଙ୍କ ଯତ୍ନ ନବା ଜଣାନାହିଁ !''

ଗଙ୍ଗା କହିଲା,''ଏଇକଥା ବୁଝେଇବା ପାଇଁ ମୁଁ ତମକୁ କ୍ଷୀର'ର କଥା ଶୁଣଉଛି'' ।

ବନ୍ଓ୍ୱାରୀ କିଛି ବୁଝିନପାରି ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ପଚାରିଲା – ''କ୍ଷୀର'ର କଥା''?

''ହଁ, ସ୍ୱଚ୍ଛ ଆଉ ତାଜା କ୍ଷୀର ଦୁହିଁବା ଓ କ୍ଷୀର'ର ଗୁଣ-ମାନ ବଜାୟ ରଖିବାକୁ ପଶୁ'ର ଦେଖାରେଖା କେମିତି କରିବା ଉଚିତ, ସେଇ ହେଉଛି କ୍ଷୀର କଥାର ମର୍ମ ।''


''ଏ କଥା ତତେ କିଏ କହିଲା?'', ବିସ୍ମୟରେ ପଚାରିଲା ବନ୍ଓ୍ୱାରୀ ।

ଗଙ୍ଗା ବତେଇଲା, ''ଦିନେ ମୁଁ ଆଉ ଯମୁନା ଚରିବାକୁ ଯାଇଥିଲୁ । ସେଠି ଗଉରୀ ଆଉ ପାରୋ ନାମକ ଦୁଇଟି ଗାଈ ଆଉ ଚମ୍ପା ନାମକ ମଇଁଷି ଦେଖାହେଲେ । ସେମାନଙ୍କୁ କେଭେହେଲେ କୌଣସି ଅସାଧ ବେମାରୀ ହୋଇନି କି ତାଙ୍କ କ୍ଷୀର କେବେ ଖରାପ ହୋଇନି ।''

''ସତେ ନା କଅଣ ?''

''ହଁ ପରା, ସେମାନଙ୍କ ମାଲିକ ଡେୟରୀ-ବିଜ୍ଞାନ ପଢ଼ିଛନ୍ତି । ଗଉରୀ, ପାରୋ ଆଉ ଚମ୍ପା ଆମକୁ ସେମାନଙ୍କ ରହଣି ଆଉ କ୍ଷୀର ସ୍ୱଚ୍ଛ ରଖିବାର ଉପାୟ ବତେଇଲେ । ମୁଁ ସେଇ କଥା ତମକୁ ଶୁଣେଇବି ।''

''ହଉ ଶୁଣା'', ବନ୍ଓ୍ୱାରୀ କହିଲା ।



ଗଙ୍ଗା ଆଉ ଯମୁନାକୁ କ୍ଷୀର କଥା ଶୁଣାଉଛନ୍ତି ଗଉରୀ, ପାରୋ ଓ ଚମ୍ପା ।

ପାରୋ : ଆଲୋ ଭଉଣୀ, ତମ ଦୁହିଁଙ୍କ ଅସୁବିଧା ଦେଖି ମତେ ଭାରି କଷ୍ଟ ହେଉଛି । ତମ ମାଲିକ କେମିତି ତମର ଆଉ କ୍ଷୀର'ର ଭଲ ଯତ୍ନ ନେବା ଉଚିତ, ତାହା ମୁଁ ଆଉ ମୋ ଭଉଣୀ ଗଉରୀ ଆଉ ଚମ୍ପା ବତେଇବୁ ।

ଚମ୍ପା : ଆମ କଥା ମନଦେଇକି ଶୁଣ ଆଉ ତମ ମାଲିକକୁ କୁହ । ଆମେ ବତେଇବା କଥାକୁ ପାଳନ କଲେ ତମେ କେବେହେଲେ ବେମାର ହବନି ।

ଗଉରୀ : ପୁଣି ଭଲ କ୍ଷୀର ବି ଦେଇପାରିବ, ଫଳରେ ତମ ମାଲିକର ରୋଜଗାର ଆହୁରି ବଢ଼ିବ ।

ଗଙ୍ଗା : ଶୀଘ୍ର କୁହ ଭଉଣୀ, ଆମେ ଏସବୁ କଥା ଶୁଣିବାକୁ ବଡ ଆତୁର ।

ଗଉରୀ : ଆଗ କ୍ଷୀର ବିଷୟରେ ଶୁଣ । ଗାଈ ଆଉ ମଇଁଷି ସୁସ୍ଥସବଳ ରହିଲେ ତାଙ୍କ ଚୀରରୁ ବାହାରିବା କ୍ଷୀରରେ କୌଣସି ଦୋଷ ରହିବ ନାହିଁ ।

ଚମ୍ପା : କ୍ଷୀର'ର ଏହି ଗୁଣ-ମାନ ବଜାୟ ରଖିବା ପାଇଁ ପଶୁ, ଗୁହାଳ ଘର, ପଶୁପାଳକ, କ୍ଷୀର ରଖିବା ପାତ୍ର ଇତ୍ୟାଦିର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ପୁଣି, ଦୁହିଁସାରିବା ପରେ ପରେ କ୍ଷୀରକୁ ଯେତେ ଶୀଘ୍ର ପାର ସମିତିରେ ପହଞ୍ଚାଇବା ଦରକାର । ଏତିକି କଥାର ଧ୍ୟାନ ନରଖିଲେ କ୍ଷୀରରେ ସୂକ୍ଷ୍ମ-ଜୀବ ସଂଖ୍ୟା ବଢ଼ିଯାଏ ଆଉ କ୍ଷୀର ଖରାପ ହୋଇଯାଏ ।

ଯମୁନା : ସୂକ୍ଷ୍ମ-ଜୀବ ? ମୁଁ ତ କେବେ କ୍ଷୀରରେ ସୂକ୍ଷ୍ମ-ଜୀବ ଦେଖିନି ।

ଅନ୍ୟମାନେ : ହଁ, ଆମେ ବି ଦେଖିନୁ ।

ପାରୋ : ସତକଥା, ସୂକ୍ଷ୍ମ-ଜୀବ ଏତେ ଛୋଟ ଯେ ଖାଲି ଆଖିରେ ସେଗୁଡ଼ିକୁ ଦେଖିହୁଏନି । ତାଙ୍କୁ ଜୀବାଣୁ ବି କୁହାଯାଏ । ସେଗୁଡ଼ିକୁ କେବଳ ଅଣୁବିକ୍ଷଣ ଯନ୍ତ୍ରରେ ହିଁ ଦେଖିହୁଏ । ସେଇ ଜୀବାଣୁ କ୍ଷୀର'ର ଗୁଣ-ମାନକୁ କମ କରିଦିଏ ।

ଗଙ୍ଗା : ତମ କହିବା ଅନୁସାରେ, ପରିଚ୍ଛନ୍ନତା ପାଳନ କଲେ କ୍ଷୀର ଠିକ୍‌ଠାକ୍ ରହିବ ।




ଜୀବାଣୁ ଦେଖିବାର
ଅଣୁବିକ୍ଷଣ ଯନ୍ତ୍ର

ପାରୋ : ତମେ ଠିକ୍ କହିଲ ଭଉଣୀ । ସଫାସୁତୁରା ଓ ସୁସ୍ଥସବଳ ଗାଈ ବା ମଇଁଷିଙ୍କ ଠାରୁ ସଫାସୁତୁରା ମଣିଷ ସ୍ୱଚ୍ଛ ବାସନରେ କ୍ଷୀର ଦୁହିଁଲେ ତଥା ପାଖଆଖ ସ୍ଥାନ ସଫାସୁତୁରା ରହିଲେ କ୍ଷୀରରେ ଜୀବାଣୁ ସଂଖ୍ୟା କମ ହୁଏ । ଫଳରେ, କ୍ଷୀରରେ ଧୂଳି-ମଳି କି ମାଛି ଇତ୍ୟାଦି ପଡିବନି ।

ଚମ୍ପା : ଆଉ, ଏଭଳି କ୍ଷୀରକୁ ଷ୍ଟୀଲ ବାସନରେ ଘୋଡେଇକରି ଶୀଘ୍ର ସମିତିରେ ପହଞ୍ଚେଇଦେଲେ କ୍ଷୀର'ର ଗୁଣ-ମାନ ଅଧିକ ସମୟ ପର୍ଯ୍ୟନ୍ତ ବଜାୟ ରୁହେ ।

ପାରୋ : ତମେମାନେ ଶୁଣିଲେ ଆଶ୍ଚର୍ଯ୍ୟ ହବ ଯେ ଏସବୁ ଉପାୟ ଠିକ୍ ଢଙ୍ଗରେ ପାଳନ ନକଲେ ଡେୟରୀ ପର୍ଯ୍ୟନ୍ତ ଆସୁ ଆସୁ ପ୍ରତି ଟୋପା କ୍ଷୀରରେ ହଜାର ହଜାର ଜୀବାଣୁ ବଢ଼ିଯାଆନ୍ତି ।

ଯମୁନା : ସତେରେ ?

ଗଉରୀ : ହଁ, ଆଉ ଏଇ ଜୀବାଣୁ ପ୍ରତି ୧୫-୨୦ ମିନିଟରେ ଦିଗୁଣା ହେଇଯାଆନ୍ତି । ଫଳରେ, କ୍ଷୀର'ର ଗୁଣ-ମାନ ବହୁତ ଶୀଘ୍ର ଖରାପ ହୋଇଯାଏ ।


ଯମୁନା : ହେଲେ ସ୍ୱଚ୍ଛ କ୍ଷୀର ଯୋଗୁ ଆମ ମାଲିକକୁ କ'ଣ ଲାଭ ହେବ ?

ଗଉରୀ : ଯଦି କ୍ଷୀର ସଫା ଆଉ ତାଜା ରହିବ, ତାକୁ ପିଇବା ଲୋକ ବି ସୁସ୍ଥସବଳ ରହିବେ ଆଉ ସେମାନେ ସବୁବେଳେ ସେଇ ଗୋଟିଏ ଡେୟରୀରୁ କ୍ଷୀର କିଣିବେ ।

ଚମ୍ପା : ଏଭଳି କ୍ଷୀରରୁ ତିଆରି ହେବା ପଦାର୍ଥ ବି ଉଚ୍ଚ ଗୁଣ-ମାନର ହେବା ସାଙ୍ଗକୁ ଭାରି ସୁଆଦିଆ ହେଇଥାଏ । ଶୀଘ୍ର ଖରାପ ହୁଏନି । ତା'ଫଳରେ ପଶୁପାଳକ ଓ ଡେୟରୀ, ଉଭୟଙ୍କୁ ଭଲ ଆମଦାନୀ ହୋଇଥାଏ ।

ଗଙ୍ଗା : ଭଉଣୀ, ଆମକୁ କ୍ଷୀର ସଫା ରଖିବାର ଉପାୟ ବତାଅ ।

ପାରୋ : ସେଥିପାଇଁ ପ୍ରଥମ କଥା ହେଲା ଯେ ଗାଈ ବା ମଇଁଷିକୁ ସୁସ୍ଥସବଳ ରଖିବାକୁ ହେବ । ତାଙ୍କୁ ରଖାଯିବା ସ୍ଥାନ ସଫାସୁତୁରା ରଖାଯିବା ଦରକାର । ତମକୁ କୋଉଠି ରଖାଯାଏ ?




ସ୍ୱଚ୍ଛ ଓ ନିରୋଗୀ ପଶୁ

ଯମୁନା : ଆମକୁ ତ ଘର ଆଗରେ ଗଛରେ ବାନ୍ଧିକି ରଖାଯାଏ । ହେଲେ ବସିବା ଯାଗା ଗନ୍ଧିଆ ହେଇଯାଏ, କାହିଁକିନା ସେଠି ଜମିଥିବା ଆମ ମୂତ ଆଉ ଗୋବର କେହି ସଫା କରନ୍ତିନି । ଆମେ ବି ନିରୁପାୟ ହୋଇ ତା'ରି ଉପରେ ବସାଉଠା କରୁ ।

ଚମ୍ପା : ଆମ ରହିବା ଯାଗା ଉପରେ ଛାତ ଥିବା ଦରକାର, ଆଉ ସେ ଯାଗାରେ ପବନ ଚଳାଚଳ ହେଉଥିବା ଦରକାର । ସାଙ୍ଗକୁ ପରିଷ୍କାର ଓ ଆରାମଦାୟକ ହେବା ଜରୁରୀ । ସେଠାରେ ସଫା ପିଇବା ପାଣିର ବନ୍ଦୋବସ୍ତ ଥିବା ଦରକାର ।

ଗଉରୀ : ସେଇ ସ୍ଥାନ ଓ ତା'ଚାରିପଟ ସଫାସୁତୁରା ରହିବା ଦରକାର । କ୍ଷୀର ଦୁହିଁବା ଯାଗାରେ ଚାରା ରଖିବା ଅନୁଚିତ ।


ଗାଈ-ମଇଁଷି ରହିବା ସ୍ଥାନରେ କିଛି ନହେଲେ ବି ମାଟିର ସଫାସୁତୁରା ଚଟାଣ ଥିବା ଆବଶ୍ୟକ । ଚଟାଣ ଯଦି ପକ୍କା ହବ ତାହେଲେ ତ ଆହୁରି ବଢ଼ିଆ ।



ଗାଈ-ମଇଁଷିଙ୍କୁ ସଫାସୁତୁରା ସ୍ଥାନରେ ରଖିବା ଦରକାର ଆଉ ଚଟାଣ ପକ୍କା ଓ ଆରାମଦାୟକ ହେବା ଦରକାର

ଗଙ୍ଗା : ଆଉ କ'ଣ କ'ଣ ଦରକାର ?

ଗଉରୀ : ପଶୁଙ୍କୁ ବାନ୍ଧିକରି ରଖିବା ସ୍ଥାନଟି ଏଭଳି ହେବା ଦରକାର, ଯେପରିକି ପାଣି ବା ମୂତ ବୋହିକରି ନଳାରେ ବାହାରିଯିବ, ଆଉ ଗାତରେ ପହଞ୍ଚିଯିବ ।



ପଶୁଙ୍କ ଠାରୁ ଦୂରରେ ଥିବା ଖତ-ଗାତରେ ବା ଗୋବର ଗ୍ୟାସ ପ୍ଲାଣ୍ଟରେ ଗୋବରକୁ ପକାଇଦେବା ଦରକାର

ପାରୋ : ପଶୁଙ୍କ ରହିବା ସ୍ଥାନଠୁ ଦୂରରେ ଥିବା ଖତ-ଗାତ ବା ଗୋବର ଗ୍ୟାସ ପ୍ଲାଣ୍ଟରେ ଗୋବରକୁ ପହଞ୍ଚେଇଦବା ଦରକାର ।

ଏତକ କହିସାରି ଗଙ୍ଗା ଚୁପ୍ ହେଇଗଲା । ବନ୍‌ଓ୍ୱାରୀ ତା'କଥାକୁ ମନଦେଇ ଶୁଣୁଥିଲା ଆଉ ବାକି କଥା ବି ଶୁଣିବାକୁ ଉଚ୍ଛନ୍ନ ଥିଲା । ସେ ଗଙ୍ଗାକୁ ପଚାରିଲା, "ମତେ ପୂରା କଥା ଶୁଣା । ଗଉରୀ, ପାରୋ ଆଉ ଚମ୍ପା ତମ ଦୁହିଁଙ୍କୁ ଆଉ କ'ଣ କ'ଣ ବତେଇଲେ, କହ ।"

ଗଙ୍ଗା କହିଲା, ''ସେମାନେ ମତେ ବହୁତ କଥା ବତେଇଲେ, ହେଲେ ଆମେ ଏଇଠି ବସିଯିବା ତ ସଞ୍ଜ ହେଇଯିବ । ସେଣେ ଘରେ ରାଧା ଭାଉଜ ଆଉ ପିଲାମାନେ ବ୍ୟସ୍ତ ହେବେ । ଚାଲ ଘରକୁ ଯିବା । ବାକି କଥା ମୁଁ ତମକୁ ବାଟରେ କହିବି ।''




ଗଙ୍ଗା ସାଥିରେ ବନ୍‌ୱାରୀ ଘରକୁ ଫେରୁଛି

ବନ୍‌ୱାରୀକୁ ବି ଗଙ୍ଗା'ର କଥା ଠିକ୍ ଲାଗିଲା ଆଉ ସିଏ ଗାଈ ବେକରୁ ପଘା ଖୋଲିଦେଇ ଗାଆଁ ବାଟ ଧରିଲା । କିଛି ଦୂର ଗଲାପରେ ସିଏ ହଠାତ୍ ଅଟକିଗଲା ଆଉ ଗଙ୍ଗା ଆଡ଼କୁ ଚାହିଁ କହିଲା, ''ହେଲେ ଆମେ ପରା ମେଳାକୁ ଯାଉଥିଲେ ...''।

ଘରକୁ ଫେରିଯିବା ଖୁସିରେ ଗଙ୍ଗା ଯେତିକି ଆନନ୍ଦିତ ଥିଲା, ଏକଥା ଶୁଣି ତା'ର ସବୁ ଆନନ୍ଦ ଚାଲିଗଲା । ସିଏ କହିଲା, ''ଭାଇ, ମୁଁ ତମକୁ ଏସବୁ କଥା ଏଇଥିପାଇଁ କହୁଥିଲି ଯେ ଯଦି ତମେ ଠିକ୍ ଭାବରେ ମୋର ଯତ୍ନ ନବ, ତାହେଲେ ମୁଁ କଦାପି ବେମାର ହେବିନି । ତାହେଲେ ମୁଁ ବେଶୀ, ସ୍ୱଚ୍ଛ ଆଉ ପୁଷ୍ଟିକର କ୍ଷୀର ଦେବି, ଫଳରେ ତମ ରୋଜଗାର ବି ବଢ଼ିବ । ଯା ସତ୍ତ୍ୱେ ତମେ ମତେ ମେଳାରେ ବିକିବାକୁ ଚାହୁଁଥିଲେ ମୁଁ ନିରୁପାୟ'' ।

ବନ୍‌ୱାରୀ କିଛି ସମୟ ବିଚାର କରି କହିଲା, ''ହଉ, ତୁ କହୁଥିବା ପ୍ରକାରେ କିଛି ଦିନ ତୋର ଦେଖାରେଖା କରିବା, ତୁ ଯଦି ଠିକ୍ ହେଇଗଲୁ ତାହେଲେ ସବୁବେଳେ ଆମ ସାଙ୍ଗରେ ରହିବୁ,ହେଲା ! ଆ' ଯିବା, ହେଲେ କଥା ଅଧା ରହିଯାଇଥିଲା ପରା !''

ଗଙ୍ଗା'ର ମନ ଖୁସିରେ ପୁଣି ଝୁଲିଉଠିଲା । ସିଏ ପୁଣି କଥା ଆରମ୍ଭ କଲା – ''ତା'ପରେ ଚମ୍ପା ଆଉ ପାରୋ କ୍ଷୀର ଦୁହିଁବା ଲୋକ ବିଷୟରେ ବତେଇଲେ'' ।



କ୍ଷୀର ଦୁହିଁବା ଲୋକ ସଫା ସୁତୁରା ହୋଇଥିବା ଦରକାର

ପାରୋ : କ୍ଷୀର ଦୁହିଁବା ଲୋକ ବେମାର ଥିଲେ, ବେମାରୀ'ର ପ୍ରଭାବ କ୍ଷୀର ଉପରେ ବି ପଡ଼େ ।

ଚମ୍ପା : ସେଇଥିପାଇଁ କାଶ-ଶର୍ଦ୍ଦି, କୋଷ୍ଟ-କାଠିନ୍ୟ, କ୍ଷୟରୋଗ, ଚର୍ମ ରୋଗ ଭଳି ରୋଗ ବା ସେଭଳି କିଛି ଲକ୍ଷଣ ଥିବା ଲୋକ କ୍ଷୀର ଦୁହିଁବା ଅନୁଚିତ ।

ପାରୋ : ଦେହ-ହାତରେ କୋଉଠି ବ୍ରଣ, ଘାଆ କି ବଥ କିମ୍ୱା ଖଣ୍ଡିଆଖାବରା ହେଇଥିଲେ ତାକୁ ଭଲଭାବେ ମଲମ-ପଟ୍ଟି ନକରି କ୍ଷୀର ଦୁହିଁବା ମନା ।

ଚମ୍ପା : କ୍ଷୀର ଦୁହିଁବା ଲୋକ ସଫାସୁତୁରା ହେଇଥିବ । ସିଏ ଧୁଆ ଲୁଗାପଟା ପିନ୍ଧିଥିବ । କ୍ଷୀର ଦୁହିଁବା ବେଳେ ଦୁହାଁଳି ଆଉ ପାଖରେ ଥିବା ଲୋକେ କାଶିବା କି ଛିଙ୍କିବା ଉଚିତ ନୁହେଁ । ଦୁହାଁ ହଉଥିଲା ବେଳେ ସେଠାରେ କେହି ପାନ, ଗୁଆ-ଗୁଣ୍ଡି, ପାନମସଲା ଆଦି ଖାଇବେ ନାହିଁ କି ଧୂମ୍ରପାନ କରିବେ ନାହିଁ ।

ଏସବୁ ଶୁଣିକରି ବନ୍ୱାରୀ କହିଲା, ‘‘ସତ ଲୋ ଗଙ୍ଗା, ଆମେ ସମସ୍ତେ ଏହି ଭୁଲ କରୁ । ଏଣିକି ଦୁହିଁଲା ବେଳେ ଏସବୁ ନ କରିବା ଲାଗି ଚେଷ୍ଟା କରିବୁ’’ ।

ଏମିତି କଥାବାର୍ତ୍ତା ହଉ ହଉ ବନ୍ୱାରୀ ଆଉ ଗଙ୍ଗା ଘରେ ପହଞ୍ଚିଗଲେ । ଗଙ୍ଗାକୁ ଫେରିଆସିବା ଦେଖି ରାଧା ଆଉ ପିଲେ ଭାରି ଖୁସି ହେଲେ । କୁତୁହଳରେ ରାଧା ପଚାରିଲା, ‘‘ବାଃ, ଗଙ୍ଗାକୁ ଫେରେଇଆଣିଲ’’ ! ରାତିରେ ଖାଇ-ପିଇ ଶୋଇବା ଆଗରୁ ବନ୍ୱାରୀ ରାଧାକୁ ଗଙ୍ଗା ବତେଇଥିବା କ୍ଷୀର କଥା ଶୁଣେଇଲା । ଶୁଣିକରି ରାଧା ଯେତିକି ଚକିତ ହେଲା, ସେତିକି ଖୁସି ବି ହେଲା ।


ପର ଦିନ ବନ୍ୱାରୀ ଆଉ ରାଧା ଗଙ୍ଗା ପାଖକୁ ଗଲେ । ରାଧା କହିଲା, ‘‘ଗଙ୍ଗା, ତୋ ଭାଇ ମତେ କ୍ଷୀର କଥା ଶୁଣେଇଲେ । ତୁ ଚିନ୍ତା କରନା, ଏଣିକି ଆମେ ତୋର ଠିକ୍ ସେମିତି ଯତ୍ନ ନବୁ, ଯେମିତି ତୋ ସଖିମାନେ କହିଛନ୍ତି’’ ।

ଖୁସିରେ ଗଙ୍ଗା’ର ଆଖି ଛଳଛଳ ହେଇଗଲା । ସିଏ କହିଲା, ‘‘ଭାଉଜ, ମୁଁ ତ ସାରା ଜୀବନ ତମମାନଙ୍କର ସେବା କରିବାକୁ ଚାହେଁ । ହେଲେ ଆହୁରି ଅନେକ କଥା ଅଛି, ଯାହା ପ୍ରତି ଧ୍ୟାନ ଦେବାକୁ ହେବ, ଯେମିତିକି ମୁଁ ଆଉ ଯମୁନା ସୁସ୍ଥ ରହିକରି ସ୍ୱଚ୍ଛ, ପୌଷ୍ଟିକ ଆଉ ବେଶୀ ରୁ ବେଶୀ କ୍ଷୀର ଦେଇପାରିବୁ’’ ।

ରାଧା ପଚାରିଲା, ‘‘ଗଙ୍ଗା, ଆମକୁ ଆଉ କୋଉ କୋଉ କଥାକୁ ଧ୍ୟାନ ଦବାକୁ ହବ’’ ?


ଗଙ୍ଗା କହିଲା, ‘‘ଘରେ ଦିଶୁଥିବା ମାଛି ଆମର ଶତ୍ରୁ । ମାଛି ଦେହରେ ଲକ୍ଷ ଲକ୍ଷ ଜୀବାଣୁ ଥାଆନ୍ତି । ସେମାନେ ନାନା ବେମାରୀ ସୃଷ୍ଟି କରାନ୍ତି, କ୍ଷୀର ବି ଖରାପ କରିଦିଅନ୍ତି’’ ।

ରାଧା ପୁଣି ପଚାରିଲା, ‘‘ସତେ ନା କ’ଣ ? ମାନେ, ମାଛିଙ୍କ ଠାରୁ କ୍ଷୀରକୁ ବଞ୍ଚେଇକରି ରଖିଲେ, କ୍ଷୀର ସଫା ରହିବ’’ !



*ଗୋଟିଏ ମାଛି ଦେହରେ ପ୍ରାୟ ୧୧ ଲକ୍ଷ ଜୀବାଣୁ ଥାଆନ୍ତି*

ଗଙ୍ଗା : ହଁ, ମାଛି ଆଉ ମଇଳା ଠାରୁ କ୍ଷୀରକୁ ନିରାପଦ ରଖିବା ଜରୁରୀ । ଗାଈ କି ମଇଁଷି ଦେହରେ ମଇଳା ଥିଲେ, ସେଥିରେ କୋଟି କୋଟି ଜୀବାଣୁ ମିଳିବେ ।




*ଦୁହିଁବା ଆଗରୁ , ଶୀତଦିନେ ପଶୁଙ୍କୁ ନରମ ବ୍ରଶରେ ଘଷିକରି ସଫା ରଖନ୍ତୁ ଆଉ ଖରାଦିନେ ପାଣିରେ ଗାଧୋଇଦେଇ ସଫା ରଖନ୍ତୁ*

ତେଣୁକରି, ଦୁହିଁବା ଆଗରୁ ପଶୁଙ୍କୁ ସଫା କରିବା ଜରୁରୀ । ଖରାଦିନେ ପଶୁଙ୍କୁ ପାଣିରେ ଗାଧୋଇ ସଫା ରଖନ୍ତୁ ଆଉ ଶୀତଦିନେ ନରମ ବ୍ରଶ୍‌ରେ ଘଷିକରି ସଫା ରଖନ୍ତୁ, ଯାହାଫଳରେ ତାଙ୍କ ବାଳରୁ ଆଉ ଦେହରୁ ଜୀବାଣୁ ଦୂର ହେବେ ।

ରାଧା : ଭଲ କଥା, ଏଣିକି ମୁଁ ଏ କଥାର ଯତ୍ନ ନେବି ।

ଗଙ୍ଗା : ସଫା କ୍ଷୀର ପାଇଁ ସଫା ପାତ୍ର ବି ଜରୁରୀ । କ୍ଷୀର ପାତ୍ରକୁ ସାବୁନରେ ସଫା କରିବା ଦରକାର । ସେଥିରେ ମାଟି କି ଅନ୍ୟ କିଛି ରହିବା ଅନୁଚିତ । ପାତ୍ରକୁ ଧୋଇଦେଇ ତୁରନ୍ତ ଶୁଖେଇବା ପାଇଁ ଏକ ସଫାସୁତୁରା ସ୍ଥାନରେ ଉଗୁଡ଼େଇ ରଖନ୍ତୁ ।



ରାଧା : ଠିକ୍ ଅଛି ।

ଗଙ୍ଗା : ଗାଈ ଆଉ ମଇଁଷିଙ୍କ ଚୀରକୁ ସଫା ପାଣିରେ ଧୋଇଦେଇ ସଫା କନାରେ ପୋଛି ଶୁଖେଇବା ଦରକାର ।

*ଗାଈ ଆଉ ମଇଁଷିଙ୍କ ପ୍ରତି ଚୀରକୁ ସଫା ପାଣିରେ ଧୋଇଦେଇ ସଫା କନାରେ ପୋଛି ଶୁଖେଇବା ଦରକାର*

ରାଧା : ମୁଁ ବି ତ ସେଇୟା କରେ ।

ଗଙ୍ଗା : ତମ ପଣତରେ ତମେ ଆମ ଚୀରକୁ ପୋଛ, ହେଲେ ସେଇଟା ଅସନା ହୋଇଥାଇ ପାରେ । ତେଣୁକରି, ଧୁଆ ଶୁଖିଲା କନାରେ ହିଁ ଚୀର ପୋଛିବା ଆବଶ୍ୟକ । ଫେରେ, ପ୍ରତି ଚୀରରୁ ଧାରେ ବା ଦୁଇଧାର କ୍ଷୀର ଆଗ ତଳେ ପକେଇଦବା ଉଚିତ ।

ତା'ଫଳରେ ଚୀରରେ ଜମା ହୋଇଥିବା ଜୀବାଣୁ ବାହାରି ଯାଆନ୍ତି।



ଦୁହିଁବା ଆଗରୁ ପ୍ରତି ଚୀରରୁ ଧାରେ ବା ଦି'ଧାର କ୍ଷୀର ତଳେ ପକେଇଦବା ଉଚିତ

କ୍ଷୀର ଦୁହିଁବା ଆଗରୁ ହାତକୁ ସାବୁନ ଲଗେଇ ସଫା କରିବା ଜରୁରୀ ।




କ୍ଷୀର ଦୁହିଁବା ଆଗରୁ ସାବୁନରେ ହାତ ଧୋଇବା ଜରୁରୀ

ଦୁହିଁବା ଲୋକ, ତାଙ୍କ ଆଙ୍ଗୁଠିକୁ କ୍ଷୀରରେ ବୁଡ଼େଇବା ମନା । ପୁଣି, ଚୀରରେ ତେଲ ଲଗେଇବା ବି ମନା ।

କ୍ଷୀର ଦୁହିଁବା ବେଳେ ଦୁହାଁଳିଙ୍କ କୌଣସି ଅଙ୍ଗ-ପ୍ରତ୍ୟଙ୍ଗ ବା ଲୁଗାପଟା, କ୍ଷୀର କି କ୍ଷୀର ପାତ୍ରରେ ଲାଗିବାକୁ ଦିଅନ୍ତୁ ନାହିଁ ।




କ୍ଷୀରରେ ଆଙ୍ଗୁଠି ବୁଡ଼େଇବା ମନା

ବନ୍ୱାରୀ : ଭଲ କଥା ।

ଗଙ୍ଗା : ମନେରଖିବା ଦରକାର ଯେ, ଦୁହିଁସାରିଲା ପରେ ଚୀରରେ ଟିକିଏ ହେଲେ କ୍ଷୀର ରହିବା ଅନୁଚିତ । କାରଣ, ସେହି କ୍ଷୀର ଯୋଗୁଁ ପହ୍ନାରେ ଜୀବାଣୁ ଶୀଘ୍ର ଶୀଘ୍ର ବଢ଼ନ୍ତି । ଫଳରେ, ପଶୁକୁ ରୋଗ ହେବାର ଯୋଗ ବଢ଼ିଯାଏ ।


ଦୁହିଁ ସାରିବା ପରେ ଚୀର ଗୁଡ଼ିକୁ ସଫା ପାଣିରେ ଧୋଇବା ଉଚିତ୍ ଏବଂ ଜୀବାଣୁନାଶକ ଦ୍ରବଣ (ଆୟୋଡୋଫର୍) ରେ ବୁଡ଼ାଇବା କିମ୍ବା ତା ଉପରେ ଏହି ଦ୍ରବଣକୁ ଛିଞ୍ଚିବା ଦରକାର ।




ଦୁହିଁ ସାରିବା ପରେ ଚୀର ଗୁଡ଼ିକୁ ସଫା ପାଣିରେ ଧୋଇବା ଉଚିତ୍ ଏବଂ ଜୀବାଣୁନାଶକ ଦ୍ରବଣରେ ବୁଡ଼ାଇବା କିମ୍ବା ତା ଉପରେ ଏହି ଦ୍ରବଣକୁ ଛିଞ୍ଚିବା ଦରକାର


ବନ୍ୱାରୀ : ଏକଥା ବି ଆମେ ମନେରଖିବୁ ।

ଗଙ୍ଗା : କ୍ଷୀର ଦୁହିଁବା ପାତ୍ର ଓ ସମିତିରେ ନେଇ ପହଞ୍ଚେଇବା ପାତ୍ର ଷ୍ଟେନ୍‌ଲେସ ଷ୍ଟୀଲ'ର ହେବା ଉଚିତ । ତା'ର ଢାଙ୍କୁଣୀ କସି ହୋଇ ବନ୍ଦ ରହୁଥିବ, ଯେମିତି ସେଥିରେ ମାଛି କି ମଇଳା ଆଦି ପଡ଼ିବ ନାହିଁ । ପୁଣି, କ୍ଷୀରକୁ ଯେତେ ଶୀଘ୍ର ସମ୍ଭବ ସମିତିରେ ପହଞ୍ଚେଇବା ଭଲ, ଫଳରେ କ୍ଷୀର ଠିକ୍ ରହିବ ।



କ୍ଷୀର ପାତ୍ରଗୁଡ଼ିକୁ ଧୋଇଲା ପରେ ଶୁଖାଇବା ପାଇଁ ସଫାସୁତୁରା ସ୍ଥାନରେ ଉଗୁଡ଼େଇ ରଖନ୍ତୁ


କ୍ଷୀର'ର ଏତକ କଥା ଶୁଣିସାରିବା ପରଠୁ ବନ୍ୱାରୀ ଆଉ ରାଧା ଗଙ୍ଗା ବତେଇଥିବା ରାସ୍ତା ଅନୁସରଣ କଲେ । ସବାଆଗ, ଗଙ୍ଗାକୁ ପଶୁଡାକ୍ତରଙ୍କ ହାତରେ ଚିକିତ୍ସା କରେଇଲେ । ସଠିକ୍ ଉପଚାର ପାଇବାରୁ ଗଙ୍ଗା ଶୀଘ୍ର ସୁସ୍ଥ ହେଇଗଲା । ଗଙ୍ଗା ବତେଇଥିବା ଗୋଟି ଗୋଟି କଥାକୁ ରାଧା ମନଦେଇ ପାଳିଲା । ଗଙ୍ଗା ଆଉ ଯମୁନାଙ୍କ ରହିବା ଯାଗା ଆଉ ତା' ଚାରିପଟ ସ୍ଥାନକୁ ରାଧା ଆଉ ପିଲାମାନେ ସବୁବେଳେ ସଫାସୁତୁରା ରଖିଲେ ।



ଗଙ୍ଗା'ର ଉପଚାର କରାଗଲା, ବନ୍ୱାରୀ ଘରେ ହସଖୁସି ଫେରିଆସିଲା


ଫଳରେ, ଗଙ୍ଗା'ର କ୍ଷୀର ସ୍ୱଚ୍ଛ ହେଲା ଆଉ କ୍ରମେ କ୍ରମେ ବଢ଼ିଚାଲିଲା । ବନ୍ୱାରୀ'ର ପାରିବାରିକ ଅର୍ଜନ ବଢ଼ିଲା ଆଉ ଆଗ ପରି ହସଖୁସିରେ ଦିନ କଟିଲା । ବନ୍ୱାରୀ ଆଉ ରାଧା ଆହୁରି କ୍ଷୀର ଦେବା ଗାଈ ଆଣିବାର ଯୋଜନା କଲେ ।

ସଫାସୁତୁରା ଓ ନିରୋଗୀ ପଶୁ




(୧)

ପଶୁ ରଖିବାର ସଫାସୁତୁରା ସ୍ଥାନ




(୨)

ସଫା ପିଇବା ପାଣି




(୩)

ସଫାସୁତୁରା ଷ୍ଟେନ୍‌ଲେସ ଷ୍ଟୀଲ ପାତ୍ର




(୪)

କ୍ଷୀର ଦୁହିଁବା ଆଗରୁ ସାବୁନରେ
ହାତ ସଫା କରିବା ଜରୁରୀ




(୫)

ପହ୍ମାକୁ ସଫା ପାଣିରେ ଧୋଇ ଗୋଟିଏ ସଫା
କନାରେ ପୋଛି ଶୁଖାଇବା ଦରକାର




(୬)

ଦୁହିଁବା ଆଗରୁ ପ୍ରତି ଚୀରରୁ ଧାରେ ବା ଦୁଇଧାର କ୍ଷୀର ତଳେ ପକେଇଦବା ଦରକାର




(୭)

ସଫାସୁତୁରା ଓ ନିରୋଗୀ ଦୁହାଁଳି




(୮)

କ୍ଷୀର ଦେବା ପଶୁଙ୍କୁ ସାଗୁଆ ଚାରା ଖୁଆନ୍ତୁ



(୯)

ଦୁହିଁବା ପରେ ଚୀର ଗୁଡ଼ିକୁ ସଫା ପାଣିରେ ଧୋଇବା ଦରକାର ଏବଂ ଜୀବାଣୁନାଶକ ଦ୍ରବଣରେ ବୁଡ଼ାଇବା କିମ୍ବା ତା ଉପରେ ଏହି ଦ୍ରବଣକ୍ ଛିଞ୍ଚିବା ଦରକାର



ଜୀବାଣୁନାଶକ ସ୍ପେ ଏବଂ ଦ୍ରବଣ


(୧୦)

କ୍ଷୀରକୁ ଢାଙ୍କିକରି ଶୀଘ୍ରାତିଶୀଘ୍ର ସମିତିରେ ପହଞ୍ଚେଇବା ଜରୁରୀ




(୧୧)

କ୍ଷୀର ଶୀଘ୍ର ଥଣ୍ଡା କରିବାର ଯନ୍ତ୍ର



(୧୨)

© The Copy Right reserved with the National Dairy Development Board, Anand 388 001, India. (R2-MAR 2014)



## କେବେ ଶୁଣିଛନ୍ତି ଯେ ସଂଗୀତ'ର
## ଧୁନ୍ ଶୁଣି ଗାଈ ଦିଏ ବେଶୀ କ୍ଷୀର ।

ପୁରାଣରେ ସଂଗୀତକୁ ଈଶ୍ୱର ଆଖ୍ୟା ଦିଆଯାଇଛି ।
ଏବଂ ଆୟୁର୍ବେଦ ମଧ୍ୟ କହୁଛି ଯେ ଅସାଧ୍ୟ ରୋଗ
ବି ସଂଗୀତ ଦ୍ୱାରା ଉପଶମ ହୋଇପାରେ ।
ଅନୁଧ୍ୟାନରୁ ଜଣାପଡ଼ିଛି ଯେ ପଶୁମାତ୍ରକେ
ସଂଗୀତ ଉପଭୋଗ କରନ୍ତି ।
ସଂଗୀତ ଶୁଣାଇବାରୁ ଗାଈ-ମଇଁଷି ଆରାମ ଅନୁଭବ
କରନ୍ତି । ଦୁହିଁଲାବେଳେ ମଧୁର ସଂଗୀତ ଶୁଣାନ୍ତୁ
ଆଉ ସୁଫଳ ନିଜେ ଜାଣନ୍ତୁ ।

'Oriya' version of the original 'Hindi' book "Doodh Ki Kahani, Gai Ki Zabani"
published by NDDB, Anand.